# ସେ କେବଳ ଅଯାଚିତ ଦେଇଗଲେ

ଶରତ ନାରାୟଣ ବେହେରା

ବିଶିଷ୍ଟ ଗାନ୍ଧିବାଦୀ, ସ୍ୱାଧୀନତା ସଂଗ୍ରାମୀ, ନିର୍ଭୀକ ସାମ୍ବାଦିକ, କୃଷକ ନୃସିଂହ ଗୁରୁଙ୍କୁ ଅତି ନିକଟରୁ ଦେଖିବା ଓ କିଛି କିଛି ଜାଣିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି ।

୧୯୨୧ ମସିହାର ଅସହଯୋଗ ଆନ୍ଦୋଳନ ସମୟରେ ସମ୍ବଲପୁର ଫ୍ରେଜର କ୍ଲବରେ ପୂର୍ବ ଭାରତର ପ୍ରଥମ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ବିଶିଷ୍ଟ କଂଗ୍ରେସ ନେତା ଚନ୍ଦ୍ରଶେଖର ବେହେରାଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ମେଧାବୀ ଛାତ୍ର ନୃସିଂହ ଗୁରୁଙ୍କ ପରି କେତେ ଜଣ ଏକାଦଶ ଶ୍ରେଣୀର ଛାତ୍ର ଜିଲ୍ଲାସ୍କୁଲ ଛାଡି ଆସି ଯୋଗଦେଇଥିଲେ । ସ୍କୁଲଟି ଅଳ୍ପଦିନ ଚାଲି ବନ୍ଦ ହୋଇ ଯାଇଥିଲା । ଅଧିକାଂଶ ଛାତ୍ର ପୁଣି ସରକାରୀ ସ୍କୁଲକୁ ଫେରି ଯାଇଥିଲେ ମଧ ନୃସିଂହ ଗୁରୁ ଆଉ ଫେରିଲେ ନାହିଁ । ମାତିଗଲେ ସ୍ୱାଧୀନତା ସଂଗ୍ରାମରେ ।

ଅନ୍ୟାନ୍ୟ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ପରି ନୃସିଂହ ଗୁରୁ ମଧ ସାମ୍ବାଦିକତା ପ୍ରତି ଆକୃଷ୍ଟ ହୋଇଥିଲେ । ସାମୟିକ ଭାବରେ ବିଭିନ୍ନ ସମ୍ବାଦପତ୍ରକୁ ସମ୍ବାଦ ପଠାଉଥିଲେ ମଧ ନିୟମିତ ସାମ୍ବାଦିକ ଭାବରେ କାର୍ଯ୍ୟ କରିଥିଲେ ସମାଜରେ । ୧୯୨୯ ମସିହାରେ ଲବଣ ସତ୍ୟାଗ୍ରହ ସମୟରେ ସେ ସମାଜକୁ ସମ୍ବାଦ ପଠାଇବା ଆରମ୍ଭ କରିଥିଲେ ବିଧିବଦ୍ଧ ଭାବରେ ସମ୍ବାଦ ପ୍ରେରଣ କଲେ ୧୯୩୨ ମସିହାରୁ ।

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ସ୍ୱାଧୀନତା ସଂଗ୍ରାମୀ ଭାବରେ କେତେକ ନୀତି ପ୍ରତି ନୃସିଂହ ଗୁରୁ ନିଷ୍ଠାପର ଥିଲେ । ସେହି ନୀତି ପାଳନରେ ଅଟଳ ରହୁଥିବାରୁ ଅନେକ ସମୟରେ ନୃସିଂହ ଗୁରୁଙ୍କୁ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଥିଲା । ସମାଜର ସ୍ଥାୟୀ ଜିଲ୍ଲା ପ୍ରତିନିଧି ହେବାକୁ ତାଙ୍କ ଭଳି ଜଣେ ଉଚ୍ଚକୋଟୀର ସାମ୍ବାଦିକଙ୍କୁ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡିଥିଲା । ଏପରିକି ତାଙ୍କର ଆଣ୍ଠୁ ଲୁଚୁ ନ ଥିବା ଲୁଗା ଓ ଖଣ୍ଡେ ଚାଦର ପିନ୍ଧି ସମ୍ବାଦ ସଂଗ୍ରହ କରିବାକୁ ଗଲେ ଲୋକେ ସମ୍ମାନ କରିବେ ନାହିଁ ବୋଲି ସମ୍ପାଦକ ତାଙ୍କୁ ଜାମା ପିନ୍ଧିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ନିଜ ନୀତିରେ ଅଟଳ ନୃସିଂହ ଗୁରୁ ସମ୍ପାଦକଙ୍କ ପରାମର୍ଶ ଗ୍ରହଣ କରି ପାରିବେ ନାହିଁ ବୋଲି ସ୍ପଷ୍ଟ ଜଣାଇ ଦେଇଥିଲେ ଏବଂ ସୌଭାଗ୍ୟକୁ ସେତିକି ବେଳେ କେତେକ ସମ୍ବାଦ ପ୍ରକାଶିତ ହୋଇଥିଲା । ନୃସିଂହ ଗୁରୁ ସେହି ଅଭିସନ୍ଧି ମୂଳକ ସମ୍ବାଦର ପ୍ରତ୍ୟୁତ୍ତର ପାଇଁ ତାଙ୍କର ଚାକିରୀଟା କୁଆଡେ ରହିଯାଇଥିଲା ।

ନୃସିଂହ ଗୁରୁ ଦୀର୍ଘ ପଚାଶ ବର୍ଷ କାଳ ସମାଜର ଜିଲ୍ଲା ପ୍ରତିନିଧି ଭାନରେ କାର୍ଯ୍ୟ ନିର୍ବାହ କରିଥିଲେ ଅତ୍ୟନ୍ତ ନିଷ୍ଠାପର ଭାବରେ । ଶେଷ ପର୍ଯ୍ୟାୟରେ ଭଗ୍ନ ସ୍ୱାସ୍ଥ୍ୟ ହେତୁ ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କର ପୁଅକୁ ସମ୍ବାଦ ସଂଗ୍ରହ କରି ପଠାଇବା ପାଇଁ କ୍ଷମତା ଦିଆଯାଇଥିଲା । କିନ୍ତୁ ଦୀର୍ଘ ଦଶବର୍ଷ କାଳ ସେ ସୁଚାରୁ ରୂପେ ଦାୟିତ୍ୱ ପାଳନ କଲା ପରେ ତାକୁ ବିଚ୍ୟୁତ କରାଯାଇଥିଲା ଓ ନୃସିଂହ ଗୁରୁଙ୍କ କାର୍ଯ୍ୟକାଳ ଭିତରେ ଅନ୍ୟ ଜଣଙ୍କୁ କର୍ତ୍ତୃପକ୍ଷ ନିଯୁକ୍ତି ଦେବାରୁ ସେ ଅତ୍ୟନ୍ତ କ୍ଷୁବ୍‌ଧ ହୋଇଥିଲେ । ତଥାପି କର୍ତ୍ତବ୍ୟ ପାଳନରେ ସେ କେବେ ହେଲେ ଅବହେଳା କରି ନଥିଲେ । ଏପରିକି ଦିନେ ହେଲେ ସେହି ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଅସୂୟାଭାବ ପ୍ରଦର୍ଶନ କରିନଥିଲେ ।

ନୃସିଂହ ଗୁରୁ କିଛି ବର୍ଷ ପାଇଁ Associated Press ଓ ପରେ P.T.I. ର ପ୍ରତିନିଧି ଭାବରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ ।

କଥା ପ୍ରସଙ୍ଗରେ ନୃସିଂହ ଗୁରୁ କହୁଥିଲେ, ଏବର ସାମ୍ବାଦିକମାନଙ୍କ ଭିତରେ କର୍ତ୍ତବ୍ୟ ନିଷ୍ଠା ବା ଦାୟିତ୍ୱ ବୋଧ ଦେଖାଯାଉ ନାହିଁ । ଉଦ୍ଦେଶ୍ୟମୂଳକ ଭାବରେ ବହୁଲୋକ ସ୍ୱାର୍ଥସାଧନା ପାଇଁ ସାମ୍ବାଦିକତାକୁ ପେଶା ରୂପେ ଗ୍ରହଣ କରି ବାତାବରଣ କଳୁଷିତ କରି ପକାଉଛନ୍ତି । ଦୁର୍ନୀତିଗ୍ରସ୍ତ ରାଜନୀତିଜ୍ଞ ଙ୍କ ପରି କେତେକ ସାମ୍ବାଦିକ ରାତାରାତି ଧନୀ ହୋଇଯାଉଛନ୍ତି ।

ନୃସିଂହ ଗୁରୁଙ୍କ ପିଢୀର ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ସାମ୍ବାଦିକତା କରୁଥିଲେ ସେମାନେ ସାମ୍ବାଦିକତାକୁ ପେଶା ଭାବରେ ଗ୍ରହଣ ନ କରି ଦେଶସେବାର, ସମାଜ ସଂସ୍କାରର ଏକ ମାଧମ ଭାବରେ ଗ୍ରହଣ କରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ ସମ୍ବାଦ ସଂଗ୍ରହ ଓ ପରିବେଷଣ କରୁଥିଲେ । ଆଜିକାଲି ସଚରାଚର ଚାଞ୍ଚଲ୍ୟକର ବା ବ୍ଲେକମେଲ ସମ୍ବାଦ ଯେପରି ଉଦ୍ଦେଶ୍ୟମୂଳକ ଭାବରେ ପରିବେଷିତ ହେଉଛି ତାହା ନୃସିଂହ ଗୁରୁଙ୍କ ପରି ସାମ୍ବାଦିକଙ୍କ କଳ୍ପନାର ବାହାରେ ଥିଲା ।

କୃଷକ ଭାବରେ ମଧ ନୃସିଂହ ଗୁରୁ ଜଣେ ଆଦର୍ଶ କୃଷକ ଭାବରେ ପରିଗଣିତ ହେଉଥିଲେ । ଆଧୁନିକ କୃଷି ପଦ୍ଧତି ଅନୁସରଣ

କରିବାରେ ଦ୍ୱିଧା କରୁ ନ ଥିଲେ । ନୂତନ କୃଷି ପ୍ରଣାଳୀ ନିଜ ଜମିରେ ପରୀକ୍ଷା ନିରୀକ୍ଷା କରି ଅନ୍ୟ ଚାଷୀମାନଙ୍କୁ ଉତ୍ସାହିତ କରୁଥିଲେ ।

ନୃସିଂହ ଗୁରୁ ଜଣେ ଅତ୍ୟନ୍ତ ପରୋପକାରୀ ବ୍ୟକ୍ତି ଥିଲେ । କେହି ବିପଦରେ ପଡିଲେ ତାଙ୍କୁ ସାହାଯ୍ୟ କରିବାକୁ ସର୍ବଦା ଆଗଭର ହେଉଥିଲେ ।

ସେ ଥର "ସମାଜ" ସମ୍ପାଦକ କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସମ୍ବଲପୁର ଆସିଥିଲେ । ଏପ୍ରିଲ ଶେଷ କି ମେ ମାସ । ପ୍ରଚଣ୍ଡ ଗ୍ରୀଷ୍ମ ପଡିଥାଏ । ବି.ଇ.ଡି. ଟ୍ରେନିଂ କଲେଜ ପରିସରରେ କାର୍ଯ୍ୟକ୍ରମଟି ସକାଳ ୯ ଟାରୁ ଆରମ୍ଭ ହୋଇ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ଚାଲିଲା । ମୁଁ ମଧ ଆକାଶବାଣୀ ପକ୍ଷରୁ ରେକର୍ଡିଂ ପାଇଁ ଯାଇଥିଲି । ପ୍ରାୟ ଦେଡଟା ବେଳେ ଘରକୁ ଫେରି ପଖାଳ ପେଟେ ଖାଇ ବିଶ୍ରାମ ନେବା ପାଇଁ ଖଟରେ ଗଡିଛି କବାଟରେ ଖଟ ଖଟ ଶବ୍ଦ ହେଲା । ମନେ ମନେ ବିରକ୍ତ ହୋଇ ଯାଇ କବାଟ ଖୋଲି ଦେଖେଁ ସମ୍ବଲପୁରର ଗାନ୍ଧୀ ନୃସିଂହ ଗୁରୁ । ସେହି ପ୍ରଚଣ୍ଡ ଖରାରେ କଳାମୁହଁ ଆହୁରି କଳା ପଡିଯାଇଥିଲେ ମଧ ସ୍ମିତ ହସର ପ୍ରଲେପ ଝାଳରେ ମିଶି ଚକଚକ କରୁଥିଲା । ମୋର ସମସ୍ତ ବିରକ୍ତି କୁଆଡେ ଆପେ ଉଭେଇଗଲା ।

ନମସ୍କାର କରି ଘର ଭିତରକୁ ଡାକି ବସାଇଲି ।

ମୁଁ କିଛି ପଚାରିବା ଆଗରୁ ଚୌକିରେ ବସୁ ବସୁ ନୃସିଂହ ଗୁରୁ କହିଲେ, ଶରତବାବୁ ମୁଁ ତୁମକୁ ବିରକ୍ତ କରିବାକୁ ଆସିଛି । ତୁମେ ସାହାଯ୍ୟ ନ କଲେ ଜଣକର ଚାକିରୀ ଚାଲି ଯାଇପାରେ । ମୁହଁରେ ସେହି ସ୍ମିତ ହସଲିପି ହୋଇଥିଲା ।

ମୋର ସାହାଯ୍ୟ ଉପରେ ଜଣକର ଚାକିରୀ ନିର୍ଭର କରୁଥିବା ଜାଣି ବ୍ୟଗ୍ର ହୋଇ ପଚାରିଲି, କହନ୍ତୁ ମୋ ଦ୍ୱାରା ଯାହା ହେବ କରିବାକୁ ଚେଷ୍ଟା କରିବି ।

ଗୁରୁ ମହାଶୟ କହିଲେ, ରାଧାନାଥ ବାବୁଙ୍କ ସାଙ୍ଗରେ କଟକ ଅଫିସରୁ ଜଣେ ଆସିଛନ୍ତି ରେକର୍ଡ କରିବାକୁ । କିନ୍ତୁ କେମିତି ହେଲା ବାବୁଙ୍କ ଭାଷଣ ଶେଷ ପରେ ବଜେଇ ଦେଖିଲା ବେଳକୁ ରେକର୍ଡ ହୋଇନାହିଁ । ଏକଥା ଜାଣିଲେ ଯେମିତି ଡିସିପ୍ଲିନ ମାଷ୍ଟର ............ ।

ମୁଁ କଥା ଶେଷ ହେବାକୁ ନ ଦେଇ କହିଲି, ମତେ କଣ କରିବାକୁ ହେବ କହନ୍ତୁ ।

ନୃସିଂହ ଗୁରୁ କହିଲେ, ମୁଁ ଆପଣଙ୍କ ଏସ୍‌ଡିଙ୍କୁ ଟେଲିଫୋନ କରିଥିଲି । ସେ ଆପଣଙ୍କ ପାଖକୁ ଆସିବାକୁ କହିଲେ । ଆପଣଙ୍କ ରେକର୍ଡ ପ୍ଲେବେକ କରିଦେଲେ ସେ ବାବୁ ତାଙ୍କ ରେକର୍ଡରେ ରେକର୍ଡିଂ କରିନେବେ ।

ମୁଁ ପଚାରିଲି, କେତେବେଳେ ସେ ବାବୁ ଆସିବେ ?

ନୃସିଂହ ଗୁରୁ କହିଲେ, ବର୍ତ୍ତମାନ ଯାଇ ରେକର୍ଡିଂ କରିନଦେଲେ ଅସୁବିଧା ହେବ । ପାଞ୍ଚଟା ବେଳକୁ ରାଧାନାଥ ବାବୁଙ୍କ ସାଙ୍ଗରେ ସେ ବାବୁ ଫେରିଯିବେ । ସେଥିପାଇଁ ମୁଁ ଏହି ଖରାରେ ଆସିଛି ।

ନୃସିଂହ ଗୁରୁଙ୍କୁ ମୁଁ ଆଉ ନାହିଁ କରି ପାରିଲି ନାହିଁ । କହିଲି, ଠିକ୍ ଅଛି ମୁଁ ଅଫିସକୁ ଯାଉଛି । ଆପଣ ସେ ବାବୁଙ୍କୁ ଆମ ଅଫିସକୁ ପଠେଇ ଦିଅନ୍ତୁ ।

ଗୁରୁ ମହାଶୟ କହିଲେ, ମୁଁ ତାଙ୍କୁ ସାଙ୍ଗରେ ନେଇ ପହଞ୍ଚୁଛି । ପରବର୍ତ୍ତୀ ଅଭିଜ୍ଞତା ବିଲେଇ ବେକରେ ଘଣ୍ଟି ବାନ୍ଧିବା ପରି ଦୁରୂହ କାର୍ଯ୍ୟ ମତେ ସମ୍ପାଦନ କରିବାକୁ ପଡିଥିଲା ।

ଘଟଣା ସମ୍ପର୍କରେ ପ୍ରାୟ ସମସ୍ତେ ଅବଗତ । ନାରାୟଣ ପଣ୍ଡାଙ୍କ ଶୋକ ସଭାରେ ନୃସିଂହ ଗୁରୁ ସଭାପତି ଥିଲେ । ଭୁଲ କ୍ରମେ ଆଞ୍ଚଳିକ ସମ୍ବାଦରେ ନୃସିଂହ ଗୁରୁଙ୍କ ପାଇଁ ଶୋକସଭା ବୋଲି ପ୍ରଚାରିତ ହୋଇଯାଇ ଥିଲା ଏବଂ ଏହି ଭୁଲ ପାଇଁ କଟକ କେନ୍ଦ୍ର ନିର୍ଦ୍ଦେଶକଙ୍କ ସହିତ ସକାଳେ ପ୍ରଥମ ଥର ଗଲାବେଳେ ନୃସିଂହ ଗୁରୁ ନଥିଲେ । ଦେବଗଡ ଯାଇଥିଲେ, ଫେରି ନ ଥିଲେ । ପୁଣି ଥରେ ଦିପହରରେ ଗଲାବେଳେ ନୃସିଂହ ଗୁରୁ ଘରେ ଥିଲେ । ଡରିଡରି ମୁଁ ଭିତରକୁ ପଶିଲି କାଳେ ଗାଳି ଶୁଣିବାକୁ ପଡିବ ଜାଣି ।

କିନ୍ତୁ କି ଆଶ୍ଚର୍ଯ୍ୟ ! ମୋତେ ଦେଖି ସ୍ୱଭାବସୁଲଭ ସ୍ମିତ ହସି ମତେ କହିଲେ, "ମୋର ମରିବା ଆଗରୁ ତୁମର ଆଞ୍ଚଳିକ ସମ୍ବାଦରେ ମୋର ମୃତ୍ୟୁର ସମ୍ବାଦ ପ୍ରଚାରିତ ହୋଇଗଲା । ଏବେ ମୁଁ ମରି ନାହିଁ ବୋଲି ଉତ୍ତର ଦେଇ ଦେଇ ହାଲିଆ" ।

ତାପରେ କହିଲେ, ସାମ୍ବାଦିକତା ବଡ ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟ । ସାମାନ୍ୟ ଅବହେଳାରେ ଗୁରୁତର ଘଟଣା ଘଟି ଯାଇପାରେ ।

ନୃସିଂହ ଗୁରୁଙ୍କୁ ଖୁସମିଜାଜ ଭାବ ଲକ୍ଷ୍ୟ କରି ପରିବେଶକୁ ଆଉ ଟିକିଏ ଲଘୁ କରିବା ପାଇଁ କହିଲି, ବିନା ପଇସାରେ ଆକାଶବାଣୀ ଆପଣଙ୍କ ଆୟୁଷ ଦୁଇଗୁଣ କରିଦେଲା ।

ନୃସିଂହ ଗୁରୁଙ୍କ ସହିତ ସେଠାରେ ଉପସ୍ଥିତ ସମସ୍ତେ ହସିଲେ ।

ନୃସିଂହ ଗୁରୁଙ୍କ ପ୍ରୟାଣ ପରେ ତାଙ୍କୁ ଯେଉଁମାନେ ଜାଣିଥିଲେ, ଅନେକ ପ୍ରଶ୍ନ କରନ୍ତି ଦେଶ ପାଇଁ, ଜାତି ପାଇଁ, ଗୋଟିଏ ଅନୁଷ୍ଠାନ ପାଇଁ ସେ ଯେଉଁ ତ୍ୟାଗ, ନିଷ୍ଠା, ଅବଦାନ ଦେଇଗଲେ ସେ ପାଇଲେ କଣ ? ଆମେ ତାଙ୍କର ସ୍ମୃତି ରକ୍ଷା ପାଇଁ କରିଛୁ କଣ ? ନିହାତି ସାଂସାରିକ, ସ୍ୱାଭାବିକ ପ୍ରଶ୍ନ ।

ନା'ଟା ମନେ ପଡୁନାହିଁ, କିଏ ମନୀଷୀ ଏଭଳି ପ୍ରଶ୍ନର ଉତ୍ତର ଦେଇଛନ୍ତି । ଯିଏ ହାତ ଟେକି ଦେଇ ଜାଣେ ହାତ ବଢେଇ ଗ୍ରହଣ କରେ ନାହିଁ । ତେଣୁ ନୃସିଂହ ଗୁରୁ ଦେବା ପାଇଁ ଆସିଥିଲେ । ନେବା ପାଇଁ ନୁହେଁ । ସେ କେବଳ ଅଯାଚିତ ଦେଇଗଲେ ।

ହୁଏତ ଆମେ ଅକୃତଜ୍ଞ ଦାୟାଦମାନେ ପ୍ରାପ୍ତି ସ୍ୱୀକାର କରିବାକୁ ମଧ ଲଜ୍ଜାବୋଧ କରୁଛୁଁ, ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ଦୂରେଥାଉ ।

ଝାଡୁଆପଡା, ସମ୍ବଲପୁର